ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୩୦**

# ମହାପ୍ରସାଦ ଓ ଗଙ୍ଗାଜଳ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ପ୍ରସାଦ' ସବୁ ଦେବାଦେବୀଙ୍କର ମନ୍ଦିରରେ ବା ପୂଜା ପାର୍ବଣରେ ହୁଏ । ପ୍ରସାଦକୁ ଭୋଗ କୁହାଯାଏ । ଭୋଗ ନ ହେବା ପୂର୍ବରୁ ସେହି ଭୋଗ୍ୟ ଉପକରଣ ଗୁଡ଼ିକୁ ଅମଣିଆଁ କୁହାଯାଏ । ମହାପ୍ରସାଦ କେବଳ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରସାଦ ହିଁ ସେହି ନାମର ଅଧିକାରୀ । ତାର ପୁଣ୍ୟପ୍ରଦ ଯମ ବି ଏକ ମୋକ୍ଷର ଉଚ୍ଚାରଣ ତାହା ହିଁ ଦିବ୍ୟ ସତ୍ୟର 'ଶପଥ' ହଳପାର ବିଶେଷ ପ୍ରୟୋଗ କରାଯାଉଛି । ଏତଦ୍ ସତ୍ୟମ, ଏତଦ ସତ୍ୟମ, ଏତଦ ସତ୍ୟମ । ଏପରି ତିନିଥର ଉଚ୍ଚାରଣ କାହାରି ନିର୍ବନ୍ଧକର୍ମରେ କନ୍ୟା ପକ୍ଷ ବରପକ୍ଷ ଏହି ବହାପ୍ରସାଦକୁ ଧରି କହିଥାନ୍ତି । ବରଯାତ୍ରୀ ବର ସହିତ ଆସି କନ୍ୟାଙ୍କ ଘରେ ବା ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପରେ ପହଂଚିଲେ କନ୍ୟା ପକ୍ଷର ଲେଶକେ ବରଯାତ୍ରୀ ସମସ୍ତ କୁଣିଆଙ୍କୁ ଏଇ ମହାପ୍ରସାଦ ପ୍ରଥମେ ଦେଇ ଅର୍ଚ୍ଚନା କରିଥାନ୍ତି । ଏପରି ମୂଲ୍ୟବାନ ଖାଦ୍ୟ ନାହିଁ ଯାହା ଚଣ୍ଡାଳ ବା ଭିନ୍ନ ଜାତକ ହାତରୁ ବ୍ରାହ୍ମଣ ବି ଗ୍ରହଣ କରନ୍ତି । ମହାପ୍ରସାଦ ଦିବ୍ୟ ଭୋଜନରେ ଆସେ । ଭୋଜନ ୧୬ ପ୍ରକାର ସବୁଠାରୁ ଶ୍ରେଷ୍ଠ ଭୋଜନରେ ହିଁ ଏହି ଦିବ୍ୟ ଭୋଜନ ମହାପ୍ରସାଦ । ରାଜ ପ୍ରାସାଦରେ ରାଜମହଲରେ ରାଜକୀୟ ଆହାର ଠାରୁ ଏହି ମହାପ୍ରସାଦ ବହୁ ଉଚ୍ଚରେ ।

ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ । ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ । ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ । ପ୍ରଭୁଙ୍କର ମହାପ୍ରସାଦର ଲୀଳା ଏ ମଧ୍ୟରେ ଓଡ଼ିଶାରେ ପୁର ପଲ୍ଲୀରେ ସ୍ମୃତି ରଖିବାରେ ଏହି ସମୟରେ ଅଭଡ଼ା, ନିର୍ମାଲ୍ୟ ପଦରେ ଏକି ପୁଅପିଲା ବା ଝିଅ ପିଲା ଅନ୍ୟ ଏକ ପୁଅ ବା ଝିଅ ପିଲା ସହିତ ଏକ ସମ୍ବନ୍ଧରେ ବନ୍ଧାଯାଏ । ରକ୍ତ ସମ୍ପର୍କ ପରି ସଇସଙ୍ଗାତ ସମ୍ବନ୍ଧ ଆମର ବନ୍ଧୁତ୍ୱରେ ଆତ୍ମବନ୍ଧୁ, ପିତୃବନ୍ଧୁ, ମାତୃବନ୍ଧୁ ଜ୍ଞାତି କୁଟୁମ୍ବ ପରି ଏହି ମହାପ୍ରସାଦ ଦିଆବନ୍ଧୁ ନିବିଡ଼ ସମ୍ପର୍କରେ ରହେ । ସୂର୍ଯ୍ୟବନ୍ଧୁରେ ଏହି ସମ୍ବନ୍ଧ ବହୁ ଉଚ୍ଚରେ ରହିଥାଏ । ଏକ ଗୁରୁଙ୍କ ଠାରୁ ଦୀକ୍ଷିତ ବ୍ୟକ୍ତିମାନେ ବି ନିବିଡ଼ ସମ୍ବନ୍ଧରେ ରହନ୍ତି ମାତ୍ର ଆଦର୍ଶ ରକ୍ଷାରେ ଅନେକ ହେଳା ଲୋକେ ଏବେ କରୁଛନ୍ତି । ଗଙ୍ଗାଜଳ ମଧ୍ୟ ଏହିପରି ନାରୀମାନେ ମାସିକ ରଜସ୍ରାବ ପରେ ଗଙ୍ଗାଜଳରେ ଶୌଚ ସ୍ନାନ କରିବ ଶୁଦ୍ଧ ମନେକରନ୍ତି । ଗଙ୍ଗାଜଳ କେବେ ପଚେ ବା ସଢ଼ି ଦୁର୍ଗନ୍ଧ ହୁଏନାହିଁ । ଏଥିରେ ଜୀବାଣୁ ବଂଶ ବିସ୍ତାର କରିପାରନ୍ତି ନାହିଁ । ତେବେ ଗଙ୍ଗାତୀର୍ଥ ପ୍ରୟାଗରାଜରୁ ଉପରକୁ ଉପରକୁ ଗଙ୍ଗାଙ୍କ ଉପରେ ମୁଣ୍ଡକୁ ଯେତେ ବାଟ ବଦ୍ରୀବିଶାଳ ଯାଏ ବା ଗଙ୍ଗୋତ୍ରୀ ଯାଏ ଯାଇ ପାରିବେ ସେତେ ଶୁଦ୍ଧ ଗଙ୍ଗାଜଳ ମିଳିଥାଏ । ଗଙ୍ଗାନଦୀରେ ଏ ସମୟରେ ବିଭିନ୍ନ ସହରାଂଚଳର ଆବର୍ଜନାମିଶା ପରିତ୍ୟକ୍ତଜଳ, କଳକାରଖାନାର ଜଳ, ଉତରାଖଣ୍ଡ, ଉତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ମିଶୁଛି ଫଳରେ ଗଙ୍ଗା ମୁହାଣ ଯାଏ ଅପେକ୍ଷାକୃତ ଶୁଦ୍ଧତା ରହୁନାହିଁ । ଏହି ଗଙ୍ଗା ବିଷ୍ଣୁଙ୍କ ପାଦ ନଖକୋଣରୁ ବାହାରିଛନ୍ତି ଓ ଶିବଙ୍କ ମସ୍ତିଷ୍କଜଟା ବାଟେ ପୃଥିବୀକୁ ଆସି ବହି ଯାଉଛନ୍ତି । ଶିବ, ବିଷ୍ଣୁ ସମ୍ବନ୍ଧ ଗଙ୍ଗାମାଆଙ୍କର ଅଛି । ଏଇ ଗଙ୍ଗାଜଳ ପ୍ରକୃତରେ କୈବଲ୍ୟ ସମତୁଲ୍ୟ ସନାତନ ଧର୍ମର ଧରାଯାଇଛି । ଲୋକେ ଭାବନ୍ତୁ ମାଆ ଗର୍ଭଧାରଣରେ ମାଆ କେତେ ଗୋଇଠା ଭୃଣର ପରିପୃକ୍ତ ଠାରୁ ଗର୍ଭମୋକ୍ଷ ପର୍ଯ୍ୟନ୍ତ ଖାଇନାହାଁନ୍ତି । ଟିକି ପିଲା ମାଆ କୋଳରେ ଥିବା ବେଳେ ପିଲାର କେତେ ଗୋଇଠା ମାତାଙ୍କୁ ଦେଇ ନାହାନ୍ତି । ହେଲେ ମାଆ ତାକୁ ଧରି ନାହାଁନ୍ତି କି ଏ ପାଇଁ ମାଆଙ୍କର ଅଭିଶାପ ନାହିଁ । କ୍ଷମାଶୀଳା ମାଆ ସଦା କଲ୍ୟାଣ ମୁଖର । ଏପରି ଗଙ୍ଗା ସ୍ନାନ ପାଇଁ ଗଲେ ଲୋକେ ଗଙ୍ଗାଜଳରେ ପାଦ ହିଁ ପ୍ରଥମେ ପକାଉଛନ୍ତି । ଯାହା ମାଆଙ୍କୁ ଗୋଇଠା ମାରିବା ସହିତ ସମାନ । ହେଲେ ସେ ଗଙ୍ଗାମାଆ ସଦା କଲ୍ୟାଣକାରୀ ଦେବୀ ମାଆ । ମହାପ୍ରସାଦ ଓ ଗଙ୍ଗାଜଳକୁ ଆମେ ସମ୍ମାନ ଜଣାଇବା ସହିତ ଏହାର ବିଶୁଦ୍ଧତା ପାଇଁ ଓ ତାକୁ ରକ୍ଷା ପାଇଁ ଏକ ଏକ ସଂକଳ୍ପ କରି ଯୋଦ୍ଧା ରୂପରେ କାର୍ଯ୍ୟ କରିଯିବା ନିହାତି ଆବଶ୍ୟକ । ଏହା ସଦା ପବିତ୍ରକରଣରେ ଆମର ସହାୟକ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସ୍ୱାର୍ଥସର୍ବସ୍ୱ ବାତାବରଣ ଓ ସମସ୍ୟାର ସମାଧାନ



ଉମାଶଙ୍କର ପ୍ରସାଦ

ଭଗବାନ ସୃଷ୍ଟି ସର୍ଜନା କଲାବେଳେ, ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ମଣିଷ କୁ ବୁଦ୍ଧି, ବିବେକ ଜ୍ଞାନ ସବୁ ପ୍ରଦାନ କରିବା ସହ ତାଙ୍କର ରଚିତ ମହାନ ସୃଷ୍ଟିକୁ ସାର୍ଥକ କରିବା ପାଇଁ କହିଥିଲେ । ମଣିଷ ତାର ବୁଦ୍ଧି ବଳରେ ଅନେକ ସାଧନ ସୃଷ୍ଟି କଲା । ହେଲେ ଉକ୍ତ ସାଧନ କେବଳ ସୁଖୀ ଜୀବନ ବିତାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଯଦିଓ ମଣିଷ ସୁଖ ପାଇଲା ମାତ୍ର ଶାନ୍ତି ତା ପାଇଁ ସ୍ୱପ୍ନ ହୋଇଗଲା । ସୁଖୀ ଜୀବନ ତାକୁ ଅତି ମାତ୍ରାରେ ସ୍ୱାର୍ଥୀ ଓ ଅହଂକାରୀ କରି ଦେଲା । ଅନ୍ୟର ସୁଖ ସୁବିଧା ତା ପାଇଁ ଅସହ୍ୟ ହେଲା । ଅନ୍ୟର ସୁଖ ସୁବିଧା ହାସଲ କରି ନିଜେ ବିଳାସ ବ୍ୟସନରେ ରହିବା ତାର ଜୀବନର ପ୍ରମୁଖ ଲକ୍ଷ ହେଲା । ମଣିଷର ଅହଂକାର ସ୍ୱାର୍ଥକେନ୍ଦ୍ରିକ ହୋଇଯିବାରୁ ଇର୍ଷା, ଅସୂୟା, ଶଠତା, ପ୍ରତିହିଂସା ପରାୟଣତା,କ୍ରୁରତା ଆଦି ବିଲକ୍ଷଣକୁ ପୁଞ୍ଜି କରି ବ□ିବାକୁ ଶ୍ରେୟ ମଣିଲା ମଣିଷ । ବ□ିମାନ ମଣିଷ ଏ ସବୁରେ ଏତେ ଶୀର୍ଷକୁ ଚାଲି ଯାଇଛି ଯେ ସୁସ୍ଥ ପରିବେଶ କ୍ରମଶଃ ହିଂସା ଦ୍ୱେଷର ବାତାବରଣ ରେ ଅଶାନ୍ତି ହୋଇ ଉଠିଲାଣି । ଆଜି ରାଜ୍ୟ, ରାଜ୍ୟ ଭିତରେ ଦେଶ ଦେଶ ଭିତରେ ଏହାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି ।

ଏହି ସମସ୍ୟାର ସମାଧାନର ପନ୍ଥା ନିର୍ଦ୍ଧାରଣ ପାଇଁ କେତେଜଣ ନେତୃବର୍ଗୀୟ ବୁଦ୍ଧିଜୀବୀ ମଣ୍ଡଳି ସୃଷ୍ଟିକ□ା ବ୍ରହ୍ମା ଙ୍କ ନିକଟରେ ପହ□ି ଏହାର ନିରାକରଣ ପାଇଁ ଅନୁରୋଧ କରିଥିଲେ । ବୁଦ୍ଧିଜୀବୀ ମାନଙ୍କ ଅନୁରୋଧରେ ବିଧାତା ମ□ି୍ୟ ଲୋକକୁ ନିଜର ଜଣେ ଦେବଦୂତକୁ ପଠାଇ ସମସ୍ୟାର ସମାଧାନ ସହ ଶାନ୍ତି ସ୍ଥାପନ ପାଇଁ କହିଥିଲେ । ମ□ି୍ୟକୁ ଆସିଥିବା ଦେବଦୂତ ମ□ି୍ୟର ପରିସ୍ଥିତି ସୁଧାରିବାକୁ ଯଥାସାଧ ଚେଷ୍ଟା କରି ବ୍ୟର୍ଥ ହୋଇ ମଣିଷଙ୍କ ନିକଟରେ ହାରମାନି ଦେବଲୋକକୁ ପ୍ରତ୍ୟାବ□ିନ କରିଥିଲେ । ମଣିଷ ନିଜ ଶକ୍ତିର ତଥା ପଦର ଦୁରୁପୋଯାଗ କରି ସମଗ୍ର ବିଶ୍ୱକୁ ଧ୍ୱଂସ ଅଭିମୁଖକୁ ନେବାରେ ଲାଗିଛି । ମଣିଷର ସ୍ୱାର୍ଥସର୍ବସ୍ୱ ବାତାବରଣ, ହିଂସା, ଦ୍ୱେଷ, ଅରାଜକତାର କଳୁଷିତ ପରିବେଶକୁ ବଦଳାଇବାକୁ ହେଲେ ମନୁଷ୍ୟ ତାର ଅହଂକାର, ସ୍ୱାଥସର୍ବସ୍ୱ ବିଚାର ଧାରାକୁ ବଦଳାଇବାକୁ ପଡିବ ବୋଲି ବିଧାତା ନିଜର ମତ ଦେଇଥିଲେ । ସୃଷ୍ଟିର ମହତ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ନେତୃମଣ୍ଡଳୀ ଙ୍କୁ ଆଶ୍ୱାସନା ଦେଇ କହିଲେ – " ତୁମ ମାନଙ୍କର ସମସ୍ୟାର ସମାଧାନ ତୁମ ମାନଙ୍କର ନିଜ ହାତରେ । ତୁମେମାନେ ଯଦି ନିଜର ସ୍ୱାର୍ଥପରତା, ଅହଂକାର, ଇର୍ଷାଦ୍ୱେଷ, ଶଠତା ଆଦି ଠାରୁ ଦୁରେଇ ରହିବ ତେବେ ମୁଁ ବିଧାତା ତୁମମାନଙ୍କ ସହିତ ସଦା ସର୍ବଦା ରହିବି ।

କିନ୍ତୁ ଆଜି ସୁଦ୍ଧା ଏ ଧରାପୃଷ୍ଠରେ ଅନ୍ୟାୟ ଅଧର୍ମ, ଅତ୍ୟାଚାର ବଢି ବଢି ଚାଲିଛି । ତେଣୁ ଏ ସମସ୍ୟାର ସମାଧାନ ହୋଇପାରିନି କାରଣ ମଣିଷର ଚିନ୍ତାଧାରା ବଦଳୁନି । ଆଜି ସୁଖଶାନ୍ତି ସେଇମାନଙ୍କୁ ପ୍ରାପ୍ତି ହେଉଛି ଯେଉଁମାନେ ଶଠତା, ଇର୍ଷା, ଅସୂୟା ଆଦି ଦାନବୀୟ ଗୁଣରୁ ନିଜକୁ ଦୁରେଇ ରଖି ପାରିଛନ୍ତି ।

*ଉମା ଶଙ୍କର ପ୍ରସାଦ, ଖୋର୍ଦ୍ଧା*
*(୬୩୭୦୬ ୭୫୫୬୨)*

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସ୍ୱପ୍ନ ଆମେ ଦେଖୁ । ସ୍ୱପ୍ନ ଦେଖିବା ଆମ ଅଧିକାର । ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ । ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ । ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ । ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର । ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ । ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି । କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ । ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର । ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି । ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତିର ସ୍ୱପ୍ନ । ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ । ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଂଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ । ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଂଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି । ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ । ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି । ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ । ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଂଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା । ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି । ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ । ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର । ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ । ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ । ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଂଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ । ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ । କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ । ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ । ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ । ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ । ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତତ ଚେଷ୍ଟା କର । ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ । ଏତେ ସପନକୁ ରାତି କାହିଁ । ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ । ତେବେ ଏଥିରେ କାତର ହେବ ଉଚିତ ନୁହେଁ । ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ । କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ । ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ । ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ । ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ । ନିମ୍ନ ମଧ୍ୟବିତ ଓ ମଧ୍ୟବତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ । ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ । ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ । ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ । ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା । କୁହାଯାଏ ମଧ୍ୟବିତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି । ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି । ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି । କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ । ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ । ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ । କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି । ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତି । ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି । କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ । ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ । କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଂଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ । ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ । ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ । ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିକ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ । ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ । ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ । ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ । ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ । ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ ।

*ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*

# ସ୍ୱାମୀ ଶିବାନନ୍ଦ : ମାନବବାଦୀ ସାଧୁ

**ହେମନ୍ତ କୁମାର ପରିଡ଼ା**

ଦୁର୍ଲ୍ଲଭ ମାନବ ଶରୀର । ବହୁ ପୂଣ୍ୟର ପରିଣତି ସ୍ୱରୂପ ଜୀବକୁ ଶିବ ହେବାର ଅଭିପ୍ରାୟ ରଖି ପରମାତ୍ମା ପୃଥିବୀରେ ଆମକୁ ଏହି ଦୁର୍ଲ୍ଲଭ ମାନବ ଶରୀର ପ୍ରଦାନ କରିଛନ୍ତି । ଲକ୍ଷ୍ୟ ସାଧନ ପାଇଁ ଆମକୁ ସମର୍ଥ କରି ସୁସ୍ଥ ସୁନ୍ଦର ଭାବେ ସଜାଇଛନ୍ତି । ସୃଷ୍ଟିର ଶ୍ରେଷ୍ଠ ଜୀବ କରି ଗଢ଼ିଛନ୍ତି । ସାଧନା କରି ସାଧୁ ହେବାର ସମସ୍ତ ସୁଯୋଗ ସୃଷ୍ଟି କରିଛନ୍ତି । ସାଧୁ ସ୍ୱଭାବ ନେଇ ପରିପୂର୍ଣ୍ଣ ଜୀବନ ଜିଇବା ଜୀବନର ଚରମ ସାର୍ଥକତା । ସେଥିପାଇଁ ସନାତନ ସଂସ୍କୃତିରେ ସାଧୁସନ୍ଥ ମାନଙ୍କୁ ଭଗବାନଙ୍କର ସ୍ୱରୂପ ଭାବରେ ବିବେଚନା କରାଯାଇଛି । ସେମାନେ ଆତ୍ମ କଲ୍ୟାଣ ସାଧନ ସହିତ ଜଗତର କଲ୍ୟାଣ ପାଇଁ ସମର୍ପିତ। ଆଧୁନିକ ବିଶ୍ୱର ସେହିଭଳି ଜଣେ ଦିଗଦ୍ରଷ୍ଟା ମହାପୁରୁଷ ହେଉଛନ୍ତି ସ୍ୱାମୀ ଶିବାନନ୍ଦ ସରସ୍ୱତୀ । ଆପଣା ସାଧନା ଓ ସିଦ୍ଧି ଦ୍ୱାରା ସେ ପୃଥିବୀର କୋଣଅନୁକୋଣେ ପରିଚିତ । ସ୍ୱାମୀ ଶିବାନନ୍ଦଙ୍କ ଜୀବନଚର୍ଯ୍ୟା ଶକ୍ତି ଦାୟିନୀ, ପବିତ୍ର କାରିଣୀ ଗଙ୍ଗା ଧାରା ଭଳି ପ୍ରେରଣା ପ୍ରଦ ଅଟେ । ସେ ଜଣେ ସାଧନସିକ୍ତ ମହାପୁରୁଷ । କଠୋର ସାଧନା କରି ଲାଭ କରିଥିବା ଅମୃତ ଆନନ୍ଦକୁ ସେ ସାରା ସଂସାରର କଲ୍ୟାଣ ପାଇଁ ବିତରଣ କରିଛନ୍ତି । ଆଧ୍ୟାତ୍ମ ଆକାଶର ସେ ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର । ସଂସାର ତାପରେ ତାପିତ ଦୁଃଖୀ ମଣିଷ ପାଇଁ ତାଙ୍କ ଜୀବନୀ ଏକ ସ୍ମୃତିଦାୟିନୀ ମୃତ୍ୟୁ ସଞ୍ଜିବନୀ ଅଟେ । ତାହା ନିରାଶା ମରୁରେ ଆଶାର ସଂଚାର କରେ, ଅମା ଅନ୍ଧାରରେ ଆଲୋକର ସନ୍ଧାନ ଦିଏ । ସେ ତାଙ୍କ ଜୀବିତାବସ୍ଥାରେ କୋଟି ପ୍ରାଣରେ ଶାନ୍ତି, ଶକ୍ତି ସ୍ଫୁର୍ତି ଓ ଆନନ୍ଦ ଭରି ଦେଉଥିଲେ । ଏବେ ଅବର୍ତମାନରେ ମଧ୍ୟ ତାଙ୍କ ଦର୍ଶନ, ତାଙ୍କ ସାହିତ୍ୟ ହୃଦ ସରୋବରରେ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦର ପ୍ରେମ ପଦ୍ମ ଫୁଟାଇ ଥାଏ । ପାଠକ ହୃଦୟରେ ପ୍ରସନ୍ନତା ଭରିଦିଏ । ସ୍ୱାମୀ ଶିବାନନ୍ଦ ଜଣେ ମାନବ ବାଦୀ ସାଧୁ । ତାଙ୍କ ଜୀବନ ବୃତାନ୍ତ ଅତ୍ୟନ୍ତ ବାସ୍ତବ ଧର୍ମୀ, ଆବେଗମୟ, ମର୍ମସ୍ପର୍ଶୀ ପ୍ରେରଣାପ୍ରଦ । ଏହା ଗଙ୍ଗାର ପ୍ରବାହ ପରି ଅଟେ । ସେ ଜଣେ ମହାନ ଯୋଗୀ । ତାଙ୍କର ସ୍ପର୍ଶ କେତେ ଯେ ଲୁହାକୁ ସୁନା କରିଛି ଲିମ୍ବକୁ ଚନ୍ଦନ କରିଛି, କେତେ ପତିତ ପ୍ରାଣରେ ସୃଜନୀର ସ୍ୱର ସୃଷ୍ଟି କରିଛି ତାହା କହିହେବନାହିଁ । ଆମର ପ୍ରାକ୍ତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ ମହାଶୟ ତାହାର ଏକ ଜ୍ୱଳନ୍ତ ଉଦାହରଣ । ନିରାଶ ହୋଇ ଋଷିକେଶର ଗଙ୍ଗାରେ ଝାସ ଦେବାକୁ ବସିଥିବା ଯୁବ ଇଂଜିନିୟର କାଲାମ ସ୍ୱାମୀ ଶିବାନନ୍ଦଙ୍କ ଆଶୀର୍ବାଦରେ ଆପଣା ପ୍ରତିଭା ପୂର୍ଣ୍ଣ ପ୍ରକାଶ କରି ଭାରତର ରାଷ୍ଟ୍ରପତି ହୋଇପାରିଥିଲେ । ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ତାମିଲନାଡ଼ୁର ତିରୁନେଲଭେଲି ନିକଟସ୍ଥ ପଟ୍ଟାମଡ଼ାଇ ଗ୍ରାମରେ ଏହି ମହାତ୍ମା ଜନ୍ମ ଲାଭ କରିଥିଲେ । ଭାରତ ବର୍ଷର ମହାନ ଶୈବସନ୍ଥ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଶ୍ରୀ ଆପ୍ପାୟା ଦୀକ୍ଷିତାରଙ୍କ ବଂଶରେ ତାଙ୍କର ଜନ୍ମ । ପିତା ଭେଙ୍ଗୁ ଆୟାର ଓ ମାତା ପାର୍ବତୀ ଆମ୍ମାଙ୍କ କୋଳ ମଣ୍ଡନ କରି ସେ ଧରାବତରଣ କରିଥିଲେ । ନୈଷ୍ଠିକ ବ୍ରାହ୍ମଣ ପରିବାର । ପିଲାଟି ଦିନରୁ ଶିଶୁ କୁପୁସ୍ୱାମୀ ଭିତରେ ଅନେକ ଦିବ୍ୟତା ପ୍ରକାଶ ପାଇଥିଲା । ଦାନ କରିବାରେ, ଅନ୍ୟ ମାନଙ୍କ ଦୁଃଖ କଷ୍ଟ ଦେଖି ସେ ବ୍ୟଥିତ ହୋଇ ସହଭାଗୀ ହେବାରେ ଆନନ୍ଦ ଲାଭ କରୁଥିଲେ । ପକ୍ଷୀମାନେ ନିର୍ଭୟରେ ଆସି ତାଙ୍କ ହାତରୁ ଖାଦ୍ୟ ଖାଉଥିଲେ । ମଣିଷ ହୁଅନ୍ତୁ ବା ପଶୁପକ୍ଷୀ, ଭୋକିଲାକୁ ଖାଦ୍ୟ ଖୁଆଇବାରେ ସେ ବହୁତ ଆନନ୍ଦ ଅନୁଭବ କରୁଥିଲେ । ନିଜ ପାଇଁ ବଢ଼ା ଯାଇଥିବା ଖାଦ୍ୟ ମଧ୍ୟ ଭୋକିଲା ଦେଇ ଦେଇ ସେ ଉପାସ ରହିଯାଉଥିଲେ । ଥରେ ଏକ ଉତ୍ସବରେ ନିଜେ ପିନ୍ଧିଥିବା ନୂତନ ବସ୍ତ୍ର ଜଣେ ଅର୍ଦ୍ଧନଗ୍ନ ଭିକାରୀକୁ ଦାନ କରି ତାର କୃତକୃତ୍ୟ ଭାବ ଓ ପ୍ରସନ୍ନତା ଦେଖି ପ୍ରସନ୍ନ ହୋଇଯାଇଥିଲେ । ସେବା କରିବା, ଦାନ କରିବା ତାଙ୍କର ସ୍ୱଭାବ ହୋଇଯାଇଥିଲା । ଅନାବିଳ ପ୍ରେମପୂର୍ଣ୍ଣ ବ୍ୟବହାର ଦ୍ୱାରା ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ସେ ଥିଲେ ଜଣେ ବନ୍ଧୁବତ୍ସଳ, ଗୁରୁଗୁରୁଜନ ଭକ୍ତ ମେଧାବୀ ଛାତ୍ର ।

ପାଠପଢ଼ାରେ ସେ ସର୍ବଦା ଏକ ନମ୍ବରରେ ରହୁଥିଲେ । ଖାଲି ପାଠ ନୁହେଁ, ଖେଳିବା, ଗାଇବା, ବକ୍ତୃତା ଦେବା, ସେ ଥିଲେ ସବୁବେଳେ ଆଗୁଆ । ଗୋରା ସାହେବଙ୍କୁ ଦେଖି ଲୋକମାନେ ଛାନିଆ ହୋଇଯାଉଥିଲେ । ଥରେ ତାଙ୍କ ଗ୍ରାମକୁ ମାନ୍ଦ୍ରାଜର ରାଜ୍ୟପାଳ ଲର୍ଡ଼ ଆମ୍ପଥିଲ ଆସିଥିଲେ । ସେତେବେଳେ କୁପୁସ୍ୱାମୀଙ୍କୁ ମାତ୍ର ୧୪ ବର୍ଷ । ସେ ସେହି ବିରାଟ ସଭାରେ ରାଜ୍ୟପାଳଙ୍କୁ ଇଂରାଜୀ ଭାଷାରେ ସ୍ୱାଗତ ସମ୍ଭାଷଣ କରି ଚମତ୍କୃତ କରିଦେଇଥିଲେ । ସ୍ୱାମୀଜୀ ଥିଲେ ପିଲାଦିନୁ ଅତ୍ୟନ୍ତ ନିର୍ଭୟା, ଜଣେ ନମ୍ର, ଆଜ୍ଞାଧୀନ କୃତି ଛାତ୍ର ଭାବେ ସେ ଛାତ୍ର ଜୀବନରେ ଶିକ୍ଷକ ଛାତ୍ର ସମସ୍ତଙ୍କର ପ୍ରିୟ ଥିଲେ । ସ୍ୱାମୀଜୀ ମେଡ଼ିକାଲ ଛାତ୍ର ଥିଲାବେଳେ ସେ ପ୍ରଥମ ବର୍ଷରେ ସବୁ ବର୍ଷର ମେଡ଼ିକାଲ ପାଠ ପଢ଼ି ଦେଇଥିଲେ । ପ୍ରଥମ ବର୍ଷରୁ ତାଙ୍କୁ ଅପରେସନ ଥିଏଟର ଯିବା ପାଇଁ ଅନୁମତି ମିଳିଥିଲା । ସେ ଏତେ ମେଧାବୀ ଥିଲେ ଯେ ତାଙ୍କ ପ୍ରଫେସରମାନେ ମଧ୍ୟ ତାଙ୍କ ସହ ଆଲୋଚନା କରୁଥିଲେ । ସେବା, ପ୍ରେମ ଓ ଦାନ ଓ ନାମ ସ୍ମରଣ ତାଙ୍କର ତପଚର୍ଯ୍ୟା । ଲୋକମାନେ କୁହନ୍ତି ସେ ଶିବାନନ୍ଦ ନୁହଁନ୍ତି ସେ ହେଉଛି ଗିଭା ନନ୍ଦ । ପୃଥିବୀରେ ଯେତେ ସବୁଧର୍ମ ସମ୍ପ୍ରଦାୟ ଅଛି, ସେମାନଙ୍କର ଯେତେ ସବୁ ପ୍ରମୁଖ ଶାସ୍ତ୍ର ଅଛନ୍ତି ସେ ସବୁ ଶାସ୍ତ୍ରକୁ ମନ୍ଥନ କରି ତାର ସାରାଂଶ ନେଇ ୩୦୦ରୁ ଅଧିକ ଅତି ଉପାଦେୟ ଶାସ୍ତ୍ର ରଚନା କରିଛନ୍ତି । ତାଙ୍କର ପ୍ରାୟ ପୁସ୍ତକ ପୃଥିବୀର ପ୍ରାୟ ସବୁ ପ୍ରମୁଖ ଭାଷାରେ ଅନୁଦିତ ହୋଇଛି । ତାଙ୍କ ଶାସ୍ତ୍ର ସବୁ ଇଂରାଜୀ ରଚିତ । ତାଙ୍କ ଶାସ୍ତ୍ର ମାନଙ୍କରୁ ଅନେକ ଶାସ୍ତ୍ର ବିଶ୍ୱ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ମାନଙ୍କରେ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ । ମଣିଷର ଜ୍ଞାନ ବିଜ୍ଞାନକୁ ସମୃଦ୍ଧ ଓ ଦୀପ୍ତ କରିଛି । ଈଶ୍ୱର ଭକ୍ତି, ସତ୍ୟ ସନାତନ ଧର୍ମର ସୁରକ୍ଷା ଓ ଦେଶ ରକ୍ଷା ପାଇଁ ସେ ପ୍ରତି ହୃଦୟରେ ପ୍ରେରଣା ଭରି ଦେଉଥିଲେ । ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ସ୍ୱାଧୀନ ଭାରତର ପ୍ରାୟ ତୁଙ୍ଗ ବ୍ୟକ୍ତିମାନଙ୍କ ସହିତ ସ୍ୱାମୀଜୀଙ୍କର ଉତମ ସମ୍ପର୍କ ଥିଲା । ୧୯୩୬ ମସିହାରେ ଦିବ୍ୟ ଜୀବନ ସଂଘ ପ୍ରତିଷ୍ଠା କରିଥିଲେ ।

୧୯୩୧ ମସିହାରେ ସେ ଭାରତ ଭ୍ରମଣ ସମୟରେ ଓଡ଼ିଶା ଆଗମନ କରିଥିଲେ । କଟକର ଚୌଦ୍ୱାର ଠାରେ ତିନି ଦିନ ଅବସ୍ଥାନ କରିଥିଲେ । ବିରୂପା ନଦୀରେ ସ୍ନାନ କରିଥିଲେ । ସେଠାରୁ ରେଳ ଯୋଗେ ଯାଇ ପୁରୀ ଠାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଉଚ୍ଚାଙ୍ଗ ସ୍ୱରରେ ଇଂରାଜୀ ଭାଷାରେ ପ୍ରାର୍ଥନା କରିଥିଲେ । ସେ ଭାରତ ବାହାରକୁ ଯାଇନାହାନ୍ତି ହେଲେ ଗଙ୍ଗାକୂଳରେ ଆନନ୍ଦ କୁଟୀରରେ ବସି ଆପଣ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଂଚି ପାରିଛନ୍ତି । ସନାତନ ସଂସ୍କୃତିର ସାର ମର୍ମକୁ ସେ ପ୍ରେରଣାପ୍ରଦ ଶବ୍ଦମାନଙ୍କ ଦ୍ୱାରା ଉପଦେଶ ଦେଇ ଜନମାନସରେ ଆତ୍ମ କଲ୍ୟାଣର ସହଜ ସରଳ ମାର୍ଗ ପ୍ରଦର୍ଶନ କରିଛନ୍ତି । ସବୁ ଧର୍ମ ସବୁ ଶାସ୍ତ୍ରର ମର୍ମକୁ ସେ ମାତ୍ର ୬ଟି ଶବ୍ଦରେ ପ୍ରକାଶ କରିଛନ୍ତି ଯଥା - ଝରବଙ୍ଗର ଖଳ୍ପଙ୍ଗର, ଏସଙ୍ଗର ଚଙ୍କଭଲଛ, ଗରୟସଷ୍ଠବଷ୍ଠର, ଜରବକ୍ଷସଷ୍ଠର । ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର । ଏହାକୁ ଆହୁରି ସରଳ କରି ସେ କୁହନ୍ତି ଭଲ ହୁଅ, ଭଲ କର । ଅତି ବାସ୍ତବଧର୍ମୀ ଓ ପ୍ରୟୋଗାତ୍ମକ ଆଧ୍ୟାତ୍ମିକ ଉପଦେଶ ଦେଇ ସେ ସାଧକ ଜିଜ୍ଞାସୁ ମାନଙ୍କୁ ଆତ୍ମକଲ୍ୟାଣର ସୁଗମ ମାର୍ଗ ପ୍ରଦର୍ଶନ କରିଛନ୍ତି । ମାନବ କଲ୍ୟାଣ ପାଇଁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଯାହା କରିଛନ୍ତି କେବଳ ଆଉ ଜଣେ ଶିବାନନ୍ଦ ହିଁ ବୁଝିପାରିବ । ସେହି ଯୁଗ ପୁରୁଷଙ୍କ ମହାସମାଧି ୧୯୬୩ ମସିହା ଜୁଲାଇ ୧୪ ତାରିଖରେ ଘଟିଥିଲା ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ

# ସ୍ୱାୟତ ଶାସନ ଦିବସର ଅନୁଚିନ୍ତା



ଦଶରଥ ହେମ୍ବ୍ରମ୍

ଭାରତକୁ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର କୁହାଯାଏ । ଗଣ ଅର୍ଥ ଜନ ଏବଂ ତନ୍ତ୍ର ଅର୍ଥ ଶାସନ, ଅତଏବ ଗଣତନ୍ତ୍ର ହେଉଛି ଲୋକ ମାନଙ୍କଦ୍ୱାରା, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର, ତେଣୁ ଏହାକୁ ଭିତିକରି କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରତିଷ୍ଠିତ । ଦେଶ ତଥା ରାଜ୍ୟର ଥିବା ଆଂଚଳିକ ଉନ୍ନୟନ ଏବଂ ଜନସାଧାରଣଙ୍କ ସୁବିଧା ନିମନ୍ତେ କେନ୍ଦ୍ର କିମ୍ବା ରାଜ୍ୟସରକାରଙ୍କ ଉପଯୁକ୍ତ ଦୃଷ୍ଟି ଦେବା ସର୍ବଦା ସମ୍ଭବ ହୋଇ ନଥାଏ, ତେଣୁ ସ୍ଥାନୀୟ ଲୋକଶାସନରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ନ ଗ୍ରାମାଂଚଳ ହେଉ କିମ୍ବା ସହରା□ଳରେ ସ୍ୱାୟ□ ଶାସନ ସଂସ୍ଥାର ବ୍ୟବସ୍ଥା ରହିଛି । ଏହାରି ମାଧ୍ୟମରେ ଗ୍ରାମା□ଳ କିମ୍ବା ସହରା□ଳରେ ଜନସାଧାରଣଙ୍କ ସାମୂହିକ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଇ ତାହା କାର୍ଯ୍ୟକାରୀ କରାଯାଇଥାଏ । ଏହି ସ୍ୱାୟ□ ଶାସନ ସଂସ୍ଥାର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ୩୧ ତାରିଖକୁ ସ୍ୱାୟ□ ଶାସନ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଭାରତର ଗ୍ରାମାଂଚଳରେ ସ୍ୱାୟତ ଶାସନ ସହ ପଂଚାୟତ ଏବଂ ଗ୍ରାମସଭା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଜାତୀୟ ପ□ାୟତିରାଜ ଦିବସ ପାଳନ କରାଯାଏ । ଭାରତର ପ□ାୟତିରାଜ ବ୍ୟବସ୍ଥାକୁ ତିନୋଟିସ୍ତରରେ ବିଭକ୍ତ କରାଯାଇଛି ଯେଉଁଥିରେ ଗ୍ରାମସ୍ତରରେ ଗ୍ରାମ ପଂଚାୟତ, ମଧ୍ୟବର୍ତୀ ସ୍ତରରେ ବ୍ଲକ ପଂଚାୟତ, ଜିଲାସ୍ତରରେ ଜିଲା ପ□ାୟତ ଥିବାବେଳେ ସହରା□ଳରେ ଏନଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମ ବ୍ୟବସ୍ଥା ରହିଛି, ଏହାଦ୍ୱାରା ଶାସନ ବ୍ୟବସ୍ଥା ତୃଣମୂଳସ୍ତରରେ ପହଂଚି ପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆମେ ସମସ୍ତେ ଜାଣିଛୁ, ବଳୱନ୍ତ ରାୟ ମେହେଟ୍ଟାଙ୍କୁ ପଂଚାୟତିରାଜ ବ୍ୟବସ୍ଥାର ଜନକ କୁହାଯାଉଥିବା ବେଳେ ସ୍ୱାୟତ ଶାସନ ସଂସ୍ଥାର ଜନକ ଲର୍ଡ଼ ରିପନଙ୍କୁ କୁହାଯାଏ । ଜନତାଙ୍କ ହିତ ଦୃଷ୍ଟିରୁ ପ୍ରତିବର୍ଷ ଏପ୍ରିଲ ମାସ ୨୪ ତାରିଖରେ ପଂଚାୟତ ଦିବସ ପାଳନ ହେଉଥିବା ବେଳେ ଅଗଷ୍ଟ ୩୧ ତାରିଖ ଦିନ ସ୍ୱାୟ□ ଶାସନ ଦିବସ ପାଳନ କରାଯାଏ । ଏହିଦିନ ଦେଶର ପ□ାୟତଗୁଡ଼ିକର ବିଭିନ୍ନ ପ୍ରତିନିଧିମାନେ ଆୟୋଜିତ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଏନେଇ ସଚେତନତା ସୃଷ୍ଟିର ଉଦ୍ୟମ କରିଥାନ୍ତି । ସେହିପରି ସ୍ୱାୟ□ ଶାସନ ଦିବସରେ ମଧ୍ୟ ସହରା□ଳରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଯୋଜନା ନେଇ ଜନସଚେତନା ସୃଷ୍ଟି କରାଯାଇଥାଏ । ଲର୍ଡ଼ ରିପନ ହେଉଛନ୍ତି ଭାରତର ସ୍ୱାୟ□ ଶାସନ ସଂସ୍ଥାର ଜନ୍ମଦାତା । କିନ୍ତୁ ୧୮୦୬ରେ ସାର ଜୋସୀୟ ଚାଇଲର୍ଡ଼ ମାଦ୍ରାଜରେ ପ୍ରଥମେ ପୌରନିଗମ ସୃଷ୍ଟି କରିଥିଲେ । ଏହି ନିଗମ ସର୍ବପ୍ରଥମେ ଲୋକଙ୍କ ଉପରେ ଟିକସ ବସାଇ ନିର୍ଦ୍ଧାରିତ କର ଆଦାୟ କରିଥିଲା । କିନ୍ତୁ ସ୍ୱାଧୀନ ଭାରତରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ସହରା□ଳରେ ସ୍ୱାୟ□ ଶାସନ ଏବଂ ଗ୍ରାମା□ଳରେ ଗ୍ରାମାଂଚଳ ସ୍ୱାୟତଶାସନ ବ୍ୟବସ୍ଥା ଭାରତର ନୂତନ ସମ୍ବିଧାନ ପ୍ରଣୟ ପରେ ୧୯୫୦ ମସିହା ଅକ୍ଟୋବର ମାସରେ ଓଡ଼ିଶା ପାଇଁ ମ୍ୟୁନିସିପାଲଟି ଆଇନ ପ୍ରଣୟନ ହେଲା, ଯାହାକି ଅଦ୍ୟାବଧି ଚାଲି ଆସୁଛି । ଓଡ଼ିଶା ମ୍ୟୁନିସିପାଲିଟି ଧାରା ୭୪ ଅନୁଯାୟୀ ପ୍ରତ୍ୟେକ ମ୍ୟୁନିସିପାଲିଟ ବା ଅଧିସୂଚିତ ଅ□ଳରେ ସରକାରୀ ନିର୍ବାହୀ ଅଧିକାରୀ ଅବସ୍ଥାପିତ ହୋଇ କାର୍ଯ୍ୟ ତୁଲାଇବାର ବ୍ୟବସ୍ଥା ଅଛି । ଏହି ପରିଷଦର ସଭ୍ୟବୃନ୍ଦ ସ୍ଥାନୀୟ ଜନତାଙ୍କ ଭୋଟରଦ୍ୱାରା ନିର୍ବାଚିତ ହୋଇ କାର୍ଯ୍ୟ ତଦାରଖ କରିବେ ଏବଂ ଭୋଟରଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କର ମୁଖ୍ୟଙ୍କୁ ଚେୟାରମ୍ୟାନ କୁହାଗଲା, ଯିଏକି ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ବଛାଗଲା । ଏହିଦିନରେ ସମାଜରେ ଜନଜାଗରଣ ସୃଷ୍ଟି କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସାଧାରଣ ଜନତାଙ୍କ ହିତ ଦୃଷ୍ଟେ ତାହାକୁ କାର୍ଯ୍ୟକାରୀ କରାଯାଇଥାଏ ।

ପୌରସଂସ୍ଥାର ଦୁଇ-ତୃତୀୟାଂଶରୁ କମ ସଂଖ୍ୟକ ସଦସ୍ୟ ନିଶ୍ଚୟ ଅଣଶାସନିକ ହେବେ, ଯାହା ଲର୍ଡ଼ ରିପନଙ୍କ ତଥ୍ୟରେ ଦର୍ଶାଯାଇଛି । ନିର୍ବାଚନ ମାଧ୍ୟମ ଗ୍ରହଣ କରିବା ପାଇଁ ସରକାରୀ କର୍ମଚାରୀ ଯଥାସାଧ ଏହାର ସଫଳତା ନିମି□ କାର୍ଯ୍ୟ କରିବେ ଏବଂ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ । ସରକାରୀ ନିୟନ୍ତ୍ରଣ ଦୁଇପ୍ରକାରରେ କାର୍ଯ୍ୟକାରୀ ହେବ । ସଭାପତି ଅଣଶାସନିକ ହେବେ, ଏତଦ୍ୱାରା ଅନ୍ୟାନ୍ୟ କର୍ମକ□ାଗଣ ନିଜର ଦାୟିତ୍ୱ ଏବଂ କ□ିବ୍ୟ ପ୍ରତି ସଚେତନ ଓ କର୍ତବ୍ୟନିଷ୍ଠ ହେବେ । ତେଣୁ ପରିଷଦ ଜନଜାଗରଣ ଓ ରାଜନୈତିକ ଶିକ୍ଷାର ଶିକ୍ଷାକେନ୍ଦ୍ର ହୋଇପାରିବ । ପୌରସଂସ୍ଥାର କର୍ମଚାରୀ ହିସାବରେ ଡାକ୍ତର, ଇନିୟରମାନେ ପୌର ଜନସାଧାରଣଙ୍କର ପ୍ରୟୋଜନୀୟ ସେବା, ସଦୁପଯୋଗ ନିମି□ ସାହାଯ୍ୟ କରିବେ । ଜିଲ୍ଲାସ୍ତରୀୟ ବାହ୍ୟ କର୍ମଚାରୀଙ୍କ ଠାରେ ନ୍ୟସ୍ତଥିବା ଦାୟିତ୍ୱ ସେମାନେ ସୁଚାରରୂପେ ତୁଲାଇବେ ।

୧୮୮୨ରେ ଲର୍ଡ଼ ରିପନ୍ଙ୍କ ସରକାର ଯେଉଁ ପ୍ରସ୍ତାବ ଘୋଷଣା କଲେ ତାହା ଏକ ପ୍ରାରମ୍ଭିକ ରୂପରେଖ ଥିଲା । ଯଥା, ପ୍ରଶାସନିକ ଆୟତନ, ସ୍ୱାୟ□ ଶାସନସଂସ୍ଥାର ସମ୍ବିଧାନ, ସେମାନଙ୍କର କାର୍ଯ୍ୟାବଳୀ, ଅର୍ଥ ଏବଂ କ୍ଷମତାକୁ ନେଇ ଗଠିତ ଥିଲା । କିନ୍ତୁ ପରବର୍ତୀ ସମୟର ଯେଉଁ ପ୍ରସ୍ତାବନା ଅନୁମୋଦନ କଲା ତାହା ଲର୍ଡ଼ ରିପନ୍ଙ୍କର ପ୍ରସ୍ତାବର ପୁନରାବୃତି, ଅର୍ଥାତ ପରେ କୌଣସି ନୂତନତା ପ୍ରକାଶ ପାଇ ନଥିଲା । କେବଳ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ତେଣୁ ଲର୍ଡ଼ ରିପନ୍ଙ୍କର ଘୋଷଣା ଆଧୁନିକ ଭାରତରେ ସ୍ୱାୟ□ ଶାସନ ବ୍ୟବସ୍ଥା ନିମି□ ଏକ ଆବେଦନ ବୋଲି ଉଲ୍ଲେଖ କରାଗଲା । ତାଙ୍କର ଉଦ୍ଦେଶ୍ୟ ଥିଲା, ସମତା ରକ୍ଷା, ଗୋଟିଏ ସଭ୍ୟ ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କର ସହାନୁଭୂତି, ସହଯୋଗ ଏବଂ ସର୍ବଶେଷରେ ଲୌକିକ ଓ ରାଜନୈତିକ ଶିକ୍ଷାର ଉନ୍ନତି କରିବା ହେଉଛି ସ୍ୱାୟ□ ଶାସନ ସଂସ୍ଥାର ଭୂମିକା । ଏହାଦ୍ୱାରା ସହରର ଶିକ୍ଷା, ରାସ୍ତାଘାଟ, ଜନସ୍ୱାସ୍ଥ୍ୟ, ପୋଲିସ, ଡାକ୍ତରଖାନା, ଗମନାଗମନର ସୁବିଧା, ଆଲୋକ ପ୍ରଦାନ ଇତ୍ୟାଦି ଜନସାଧାରଣଙ୍କ ଉନ୍ନତି ପାଇଁ ଏହିସବୁ ଯୋଜନା ହାତକୁ ନେଇ କାର୍ଯ୍ୟ କଲା ।

ସ୍ୱାଧୀନତା ପ୍ରାପ୍ତି ଏବଂ ଗଣତାନ୍ତ୍ରିକ ସମ୍ବିଧାନ ପ୍ରତିଷ୍ଠା ପରେ ସ୍ୱାୟ□ ଶାସନ ବ୍ୟବସ୍ଥାରେ ଲୌକିକ ନିର୍ବାଚନ ଓ ସରକାର ପ୍ରତିଷ୍ଠା ନିମି□ ଭରତୀୟ ନେତୃବୃନ୍ଦ ଚିନ୍ତାକଲେ । ନୂତନ ସମ୍ବିଧାନର ବ୍ୟବସ୍ଥାନୁଯାୟୀ ସ୍ୱାୟତ ଶାସନ ରାଜ୍ୟ ସରକାରଙ୍କର ଅନ୍ତର୍ଭୁକ୍ତ ହେଲା । ବାସ୍ତବତଃ ସ୍ୱାୟ□ ଶାସନ ସଂସ୍ଥାମାନ ଗଣତାନ୍ତ୍ରିକ କାର୍ଯ୍ୟକଳାପର ପ୍ରଶିକ୍ଷଣ କେନ୍ଦ୍ର କେବଳ ନୁହେଁ, ବରଂ ପଂଚବାର୍ଷିକ ଯୋଜନାରେ ଦାୟିତ୍ୱ ବହନ କରିବା ନିମି□ ଏକ ବିଭାଗସଦୃଶ । ସମୟାନୁଯାୟୀ ସ୍ୱାୟତଶାସନ ବ୍ୟବସ୍ଥାର ଉନ୍ନତି, ବିକାଶ ଏବଂ ପୁନର୍ଗଠନ ନିମି□ ବିଭିନ୍ନ ଆୟୋଗ ଓ ସମିତି ଗଠନ କରାଯାଇଥିଲା । ଏଥିରୁ ଜାଣିହୁଏ ଯେ, ସ୍ୱରାଜ ବା ସ୍ୱାୟତ□-ଶାସନର ଅର୍ଥ ହେଉଛି ପ୍ରଭୁତ୍ୱର ବିକେନ୍ଦ୍ରୀକାରଣ । ନିର୍ଦ୍ଦିଷ୍ଟ ଆଂଚଳିକ ଭୂଖଣ୍ଡରେ ସୀମିତ କ୍ଷେତ୍ରାଧିକାରରେ ଏହା କାର୍ଯ୍ୟ କରେ । ଏହାର ସାମ୍ବିଧାନିକ ସ୍ଥିତି, କ୍ଷେତ୍ରାଧିକାର ଅଧିନସ୍ଥ ଅଂଚଳରୁ ଧାର୍ଯ୍ୟ ବି□ ବୃଦ୍ଧି, ଏହାର କ୍ଷମତା, ସ୍ଥାନୀୟ ଜନସାଧାରଣଙ୍କର ପ୍ରଶାସନିକ କାର୍ଯ୍ୟରେ ଓ ନିଷ୍ପତିକରଣରେ ଅଂଶଗ୍ରହଣ ଏବଂ ସ୍ୱତନ୍ତ୍ରଭାବେ ପ୍ରବର୍ତିତ ସ୍ୱାଧୀନତା ବାସ୍ତବ କ୍ଷେତ୍ରରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ କାର୍ଯ୍ୟକାରୀ ହେବା ବିଧେୟ । ଏହା ସ୍ଥାନୀୟ ଶାସନର ଏକ ଅଂଶ ଯାହା ଦ୍ୱାରା ପ୍ରଶାସନିକ ଦକ୍ଷତାର ସ୍ଥାନୀୟକରଣ କରି ସ୍ଥାନୀୟ ଅଧିବାସୀମାନଙ୍କର ଆକାଂକ୍ଷା ପୂର୍ଣ୍ଣ କରାଯାଇଥାଏ, ଯାହା ଅର୍ଥନୈତିକ ଉନ୍ନତି ଏବଂ ବୈଷୟିକ ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ସାମାଜିକ ପରିବର୍ତନ ଓ ଆଧୁନିକୀକରଣରେ ସାହାଯ୍ୟ କରେ ।

*ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ -୯୩୩୭୪୦୪୨୫୪*

